# Akashvani, Sambalpur

## SAMBALPURI NEWS EVENING BULLETIN

## 26 August 2025- 7.02 pm- 7.12 pm.

**********************************************

୧- ପଂଚଦଶ ଅର୍ଥ କମିଶନ୍‌ଙ୍କର୍ ସୁପାରିଶ୍ ଅନ୍‌ସାରେ କେନ୍ଦ୍ର ସର୍‌କାର୍ ଓଡ଼ିଶାକେ ଦେଲେ ୨ ଶହ ୪୦ କୋଟିନୁ ଅଏତ୍‌କା ଟଙ୍କା ।

୨- ରାଏଜେ 'ଆମ ଶାସନ୍' ବ୍ୟବସ୍ଥାର୍ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ ।

୩- ନୂଆଖାଇ ଅବ୍‌ସରେ ଆଏବା କାଏଲ୍ ବଂଟାଯିବା ସି.ଏମ୍. କିଷାନ୍ ସାହାଜ୍ ଟଙ୍କା ।

- ନୂଆଖାଇ ବାସି ଦିନ୍ ୨୯ ତାରିଖ୍‌କେ ଛୁଟି ଘୋଷ୍‌ନା କଲେ ରାଜ୍ୟ ସର୍‌କାର୍ ।

ଆଉର୍

୪- ରାଜ୍ୟର୍ ଐତିହ୍ୟ କିର୍ତି ମାନ୍‌କର୍ ସଂରକ୍ଷଣ୍ ଲାଗି ଖୋବ୍ ଜଲ୍‌ଦି ସର୍‌କାର୍ ଆନ୍‌ବେ ଐତିହ୍ୟ ନୀତି ।

ପଂଚଦଶ ଅର୍ଥ ଆୟୋଗ- ଅନୁଦାନ୍       ପି.ଆଇ.ବି.

କେନ୍ଦ୍ର ସର୍‌କାର୍ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ଓଡ଼ିଶାକେ ପଂଚଦଶ ଅର୍ଥ ଆୟୋଗ୍‌ଙ୍କର୍ ୨ ଶହ ୪୦ କୋଟିନୁ ଅଏତ୍‌କା ଟଙ୍କା ଏକୀକୃତ ଅନୁଦାନ୍ ଜାରି କରିଛନ୍ । ରାଜ୍ୟର୍ ୬ ହଜାର୍ ୮୫ ଟା ଯୋଗ୍ୟ ଗ୍ରାମ୍ ପଂଚାୟତ୍ ଆଉ ୬୩ ଟା ବ୍ଲକ୍ ପଂଚାୟତ୍‌କେ ଆର୍ଥିକ୍ ସ୍ତର୍‌ଥି ବର୍‌କସ୍ କର୍‌ବାର୍ ଲକ୍ଷ୍ୟଥି ଇ ଅନୁଦାନ୍ ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ କେନ୍ଦ୍ର ପଂଚାୟତିରାଜ୍ ମନ୍ତ୍ରଣାଳୟ ଆଉ ଜଳଶକ୍ତି ମନ୍ତ୍ରଣାଳୟ ଜରିଏ ଗ୍ରାମୀଣ ସ୍ୱାୟତ ସଂସ୍ଥା ଆଉ ପଂଚାୟତିରାଜ୍ ପ୍ରତିଷ୍ଠାନ୍ ମାନ୍‌କର୍ ଲାଗି ରାଜ୍ୟ ମାନ୍‌କୁ ପଂଚଦଶ ଆୟୋଗ୍ ଅନୁଦାନ୍ ଦେବାର୍‌କେ ସୁପାରିଶ୍ କର୍‌ସନ୍ । ଗୁଟେ ବଛ୍‌ରେ ୨ ଟା କିସ୍ତିଥି ଅନୁଦାନ୍ ଦିଆଯାଏସି ।

ଆମ ଶାସନ ବ୍ୟବସ୍ଥା       ଭୁବନେଶ୍ୱର ସମ୍ବାଦଦାତା

ସରକାରୀ ବ୍ୟବସ୍ଥା ଆଉ ହିତାଧିକାରୀମାନ୍‌କର ଭିତ୍‌ରେ ସୁସମ୍ପର୍କ ଥାପ୍‌ନା କରି କରି ଉନ୍ନତ୍ ଜନସେବା ସୁନିଶ୍ଚିତ୍ କର୍‌ବାର୍ ଲକ୍ଷ୍ୟଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ରାଏଜେ 'ଆମ ଶାସନ' ବ୍ୟବସ୍ଥା ମୁଲ୍ କରିଛନ୍ । ଭୁବନେଶ୍ୱର

ଲୋକ ସେବା ଭବନ୍‌ଠାନେ 'ଆମ ଶାସନ' ପୋର୍ଟାଲ୍‌ର ଶୁଭାରମ୍ଭ କରି କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କଳାହାଣ୍ଡି ଜିଲ୍ଲାର୍ ଝନେ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାର୍ ଲାଭାର୍ଥୀଙ୍କର୍ ସଙ୍ଗେ ଟେଲିଫୋନ୍ ଜରିଏ କଥା ହେଇଥିଲେ ।

ସରକାର ଲୁକ୍‌କର ମତାମତ ଆଧାର୍‌ଥି ଫି ନାଗରିକଙ୍କୁ ସେବା, ସୁବିଧା ଆଉ ଅଧିକାର ସୁନିଶ୍ଚିତ୍ କରୁଛନ୍ । ରାଜ୍ୟବାସୀଙ୍କର୍ ମତାମତ୍ ଓଡ଼ିଶାର୍ ଭବିଷ୍ୟତ୍ ଗଢ଼୍‌ବାର୍ ଦିଗେ ସାହାଜ୍ କର୍‌ବା ବଲି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ସୂଚ୍‌ନା ଅନ୍‌ସାରେ 'ଆମ ଶାସନ' ବ୍ୟବସ୍ଥାଥି ମନ୍ତ୍ରୀ ଆଉ ପ୍ରଶାସନିକ୍ ଅଧିକାରୀମାନେ ଟେଲିଫୋନ୍ ଜରିଏ ଜନସାଧାରଣଙ୍କର୍ ମତାମତ ଶୁନ୍‌ବେ ।

କ୍ଷେତ୍ର ପରିଦର୍ଶନ୍ ସମିଆଥି ସରକାରୀ ଅଧିକାରୀମାନେ ମୋବାଇଲ୍ ଆପ୍ ଜରିଏ ଜନସାଧାରଣଙ୍କର୍ ମତାମତ ନେବାର୍ ଲାଗି ସୂଚ୍‌ନା ଆଉ ପ୍ରଯୁକ୍ତି ବିଦ୍ୟା ବିଭାଗ୍ ତର୍‌ଫୁ 'ଆମ ଶାସନ' ବଲିକରି ଗୁଟେ ୱେବ୍ ପୋର୍ଟାଲ୍ ଭିଲ୍ ମୁଲ୍ କରାଯାଇଛେ । ଇ ପୋର୍ଟାଲ୍ ଜରିଏ  ହିତାଧିକାରୀମାନେ କେନ୍‌ସି ଭିଲ୍ ସେବା ବାବ୍‌ଦେ ନିଜର୍ ମତାମତ୍ ରଖି ପାର୍‌ବେ । ଇତାର୍ ସହେତେ ସାମାଜିକ୍ ଗଣମାଧ୍ୟମଥି ହେସ୍‌ଟେଗ୍  ଫିଡ୍‌ବେକ୍ ଓଡ଼ିଶା ଲେଖିକରି ଭିଲ୍ ଲୁକେ ନିଜର୍ ମତାମତ୍ ଦେଇପାର୍‌ବେ । ହ୍ୱାଟ୍ସଆପ୍ ନମ୍ବର ୭୪୦୦୨୨୧୯୦ ଜରିଏ ସିଧାସଲଖ୍ ମତାମତ୍ ପଠାଇ

ପାର୍‌ବେ । ଟୋଲ୍ ଫ୍ରି ନମ୍ବର ୧୪୪୭୧କେ କଲ୍ କରି ନିଜର୍ ଆପତି ଅଭିଯୋଗ୍ ସିଧାସଲଖ୍ ଭିଲ୍ ଦେଇପାର୍‌ବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ରାଜ୍ୟପାଲ୍ ବନ୍ୟା ସମୀକ୍ଷା ହି.ସ.

ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଆଏଜ୍ ରାଜ୍ୟର୍ ବନ୍ୟା ଥିତିର୍ ସମୀକ୍ଷା କରିଛନ୍ । ସମୀକ୍ଷା ବୈଠକ୍‌ଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ୍ ଦେଇକରି ବନ୍ୟା ଭିନ୍ ଭିନ୍ ଇଲାକାନୁ ଲାଗି ରହିଥିବା ବନ୍ୟା ସ୍ଥିତି ବାବ୍‌ଦେ ରାଜ୍ୟପାଲ୍‌ଙ୍କୁ ରିପୋର୍ଟ ଦେଇଛନ୍ । ବୈଠକ୍ ଉତ୍‌ରୁ ରାଜ୍ୟପାଲ୍ ସବୁନୁ ଜହ ନୁକ୍‌ସାନ୍ ହେଇଥିବା ଯାଜପୁର ଜିଲ୍ଲାକେ ଯାଇକରି ବନ୍ୟା ସ୍ଥିତିର୍ ଅନୁଧ୍ୟାନ କରିଛନ୍ ।

ତୋରଣ ତିଆରି- ହାଇକୋର୍ଟ ଏକ୍ସ

ପୂଜା ସମିଆଥି ତୋରଣ ତିଆର୍ କର୍‌ବାର୍‌କେ ପ୍ରଶାସନ୍‌ର ଅନୁମତି ନେବାର୍‌ଟା ଜରୁରୀ ଆଏ ବଲି ହାଇକୋର୍ଟ କରିଛନ୍ । ଇ ବାବଦ୍ ଗୁଟେ ଆବେଦନ୍‌ର ଶୁଣାଣି କରିକରି ହାଇକୋର୍ଟ କହିଛନ୍, ରାସ୍ତା ଉପ୍‌ରେ କେନ୍‌ସି ପ୍ରକାର୍

ତୋରଣ ତିଆର୍ କରାଯାଇନାଇଁପାରେ । ଅଲ୍‌ଗା ଜାଗା ନ ତିଆର୍ କଲେ ଭିଲ୍ ତୋରଣ ମାନ୍‌କର୍ ସୁରକ୍ଷାକେ ପ୍ରଶାସନ୍ ସୁନିଶ୍ଚିତ୍ କର୍‌ବା । ଇଲେକ୍ଟ୍ରି ତୋରଣ୍ ତିଆର୍ କଲେ ଲୁକ୍‌କର୍ ସୁରକ୍ଷାକେ ଅଏତ୍‌କା ଧ୍ୟାନ୍ ଦେବାର୍‌କେ ହାଇକୋର୍ଟ ପ୍ରଶାସନ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ଗଣେଶ୍ ମୂର୍ତି ବିସର୍ଜନ୍ ଲାଗି ସର୍‌କାର୍ ତାରିଖ୍ ଘୋଷ୍‌ନା କର୍‌ବେ ବଲି ହାଇକୋର୍ଟ କହିଛନ୍ ।

ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ　　　　ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ୧୦ ଝନିଆ ପରିଚାଳନା କମିଟି ସଦସ୍ୟ ମାନ୍‌କର୍ ନାଁ ଘୋଷ୍‌ନା କରାଯାଇଛେ । ଆଇନ୍ ବିଭାଗ୍ ତର୍‌ଫୁ ଆଏଜ୍ ଘୋଷ୍‌ନା କରାଯାଇଥିବା ଇ କମିଟିଥି ମୁକ୍ତି ମଣ୍ଡପ ପଣ୍ଡିତ୍ ସଭା ନୁ ଝନେ, ସେବାୟତ୍ ପ୍ରତିନିଧି, ମଠ ମନ୍ଦିର ପ୍ରତିନିଧିଙ୍କର୍ ସହେତେ ଆଘର୍ ସିଏଜି ଡକ୍ଟର୍ ଗିରିଶ୍ ଚନ୍ଦ୍ର ମୁର୍ମୁ, ଚାଟାର୍ଡ ଏକାଉଂଟେଂଟ୍ ଏ.କେ. ସାବତ ରହିଛନ୍ ।

ନୂଆଖାଇ-ସିଏମ୍ କିଶାନ　　ଭୁବନେଶ୍ୱର ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ଗଣପର୍ବ ନୂଆଖାଇ ଉଧେ ଆଏବାକାଏଲ୍ ସିଏମ୍-କିଷାନ୍ ହିତାଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାହାଜ୍ ଟଙ୍କା ଦେବେ । ଭୁବ୍‌ନେଶ୍ୱର୍ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ- ଓୟୁଏଟି ଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଡିବିଟି ଜରିଏ ଚାଷୀମାନ୍‌କର ବେଙ୍କ୍ ଖାତାକେ ସିଧାସଲଖ୍ ୨ ହଜାର ଟଙ୍କା ଲେଖା ସାହାଜ୍ ପଠାଯିବା । ଇଥି ରାଜ୍ୟର୍ ୫୨ ଲାଖ୍ ଛୋଟ୍ ଆଉ ନାମମାତ୍ର ଚାଷୀ ଉପକୃତ୍ ହେବେ । ଯୋଜ୍‌ନାଥି ରାଜ୍ୟ ସରକାର ବଛର୍‌କ ୨ଟା କିସ୍ତିଥି ୪ ହଜାର ଟଙ୍କା ଲେଖା ସାହାଜ୍ ଟଙ୍କା ଚାଷୀମାନ୍‌ଙ୍କୁ ଯୁଗେଇ ଦେସନ୍ ।

ନୂଆଖାଇ ବାସି ଛୁଟି      ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ନୂଆଖାଇ ବାସି ୨୯ ତାରିଖ୍ ଦିନ୍‌କେ ଭିଲ୍ ଇ ବଛର୍ ଛୁଟି ଘୋଷ୍‌ନା କରିଛନ୍ । ପଶ୍ଚିମ ଓଡ଼ିଶାର୍ ସାଂସ୍କୃତିକ୍ ଐତିହ୍ୟକେ ସମ୍ମାନ୍ ଜନେଇକରି ସର୍‌କାର୍‌ଙ୍କର୍ ତର୍‌ଫୁ ନିଷ୍ପତି ନିଆଯାଇଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ତର୍‌ଫୁ ଇ ଗୁଟେ ବିଜ୍ଞପ୍ତିଥି କୁହାଯାଇଛେ । ଇ ବଛର୍ ନୂଆଖାଇ ଲାଗି ୨୮ ଆଉ ୨୯ ତାରିଖ୍ ଦୁଇ ଦିନ୍ ଛୁଟି ରହେବା । ୨୯ ତାରିଖ୍ ବଦ୍‌ଲା

ସେପ୍ଟେମ୍ବର୍ ୧୩ ତାରିଖ୍ ୨ ନମ୍ବର୍ ଶନିବାର୍‌କେ କାର୍ଯ୍ୟଦିବସ୍ ଭାବେ ଘୋଷ୍‌ନା କରାଯାଇଛେ ।

ଐତିହ୍ୟ ନୀତି ହି.ସ.

ରାଜ୍ୟର୍ ପୁର୍‌ନା ମନ୍ଦିର୍ ମାନ୍‌କର୍ ସୁରକ୍ଷା ଆଉ ସଂରକ୍ଷଣ୍ ଲାଗି ରାଜ୍ୟ ସର୍‌କାର୍ ଖୋବ୍ ଜଲ୍‌ଦି ଐତିହ୍ୟ ନୀତି ଆନ୍‌ବେ ବଲି ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ରାଜ୍ୟର୍ ୩ ହଜାର୍‌ନୁ ଅଏତ୍‌କା ଐତିହାସିକ୍ କିର୍ତି ମାନ୍‌କର୍ ପୁନରୁଦ୍ଧାର୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଛେ । ଇଥିର୍‌ଲାଗି ସଂସ୍କୃତି ବିଭାଗ୍ ତର୍‌ଫୁ ଗୁଟେ ଟାସ୍କଫୋର୍ସ ଗଠନ୍ କରାଯିବାର୍ ସହେତେ ଐତିହ୍ୟ ନୀତି ଅନାଯିବା । ପହେଲା ଖେପେ ୭୫ ଟା ଐତିହାସିକ୍ ସ୍ଥଲ୍‌ର ପୁନରୁଦ୍ଧାର୍ କରାଯିବା ବଲି ଶ୍ରୀମତୀ ପରିଡ଼ା କହିଛନ୍ । ବୈଠକ୍‌ଥି ପୂର୍ତ ମନ୍ତ୍ରୀ, ସଂସ୍କୃତିମନ୍ତ୍ରୀଙ୍କର୍ ସହେତେ ଭାରତୀୟ ପ୍ରତ୍ନତତ୍ୱ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇଥିଲେ ।

ଗୋପବନ୍ଧୁ ସାମ୍ବାଦିକ ଯୋଜ୍‌ନା I &PR

ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜ୍‌ନାର୍ ଆବେଦନ୍ ସମିଆ  ଆଏବା ୩୦ ତାରିଖ୍ ତକ୍ ବଢ଼ାଯାଇଛେ । ଆଘୋନୁ ଇ ସମିଆ ଅଗଷ୍ଟ ୨୫ ତାରିଖ୍ ଥିଲା । ସାମ୍ବାଦିକ୍‌ମାନ୍‌ଙ୍କର ଅନୁରୋଧ୍‌କେ ନଜର୍‌ଥି ରଖିକରି ରାଜ୍ୟ ସରକାର ଇ ସମିଆ ବଢ଼େଇଥିବା ଜନାପଡ଼ିଛେ ।

ମାଓ ମୁକାବିଲା ବୈଠକ୍                    ହି.ସ.

ରାଏଜେ ମାଓବାଦୀ ସମସ୍ୟାର ମୁକାବିଲା ଲାଗି ଆଏଜ୍ ବଲାଙ୍ଗୀରଠାନେ ରାଜ୍ୟ ପୁଲିସ ତର୍‌ଫୁ ଗୁଟେ ଜରୁରୀ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଆଇଜି ଅପରେସନ୍ ଆଉ ଉତରାଂଚଲ୍ ଆଇଜିଙ୍କର୍ ସହେତେ ବଲାଙ୍ଗୀର, ବରଗଡ଼ ଆଉ ନୂଆପଡ଼ା ଜିଲ୍ଲାର ଆରକ୍ଷୀ ଅଧିକ୍ଷକ୍ ଉପସ୍ଥିତ ଥିଲେ ।

ଅପରେସନ୍ ଗଜ                    ହି.ସ.

ରାଏଜେ ଗଞ୍ଜେଇ ଚୋରା ଚାଲାଣ ପୁରାପୁରି ଶେଷ୍ କର୍‌ବାର ଲାଗି ପୁଲିସ ପ୍ରଶାସନ୍ ତର୍‌ଫୁ ଅପରେସନ୍ 'ଗଜ' ମୁଲ୍ କରାଯାଇଛେ । ଓଡ଼ିଶା ପୁଲିସ୍ ତର୍‌ଫୁ ବଲାଙ୍ଗୀରଠାନୁ ଅପରେସନ୍ ଗଜର ଶୁଭାରମ୍ଭ କରାଯାଇଛେ ବଲି ଉତରାଂଚଲ୍ ଆଇଜି ସୂଚ୍‌ନା ଦେଇଛନ୍ । ଗଞ୍ଜେଇ ଚୋରା କାର୍‌ବାର୍‌ଥି ଲାଗିଥିବା ବେପାରୀଠାନୁ ମୁଲ୍ କରି କରି ଗ୍ରାହକ୍‌ତକ୍ ସମ୍‌କୁ ଇ ଅପରେସନ୍ ଜରିଏ ପୁଲିସ୍ ଧର୍‌ବା ବଲି ଆଇ.ଜି କହିଛନ୍ ।

ହାତୀ - ୨ ମୃତ ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ପାଇକ୍‌ମାଲ୍ ବ୍ଲକ୍ ଟେମ୍‌ରି ପଂଚାୟତ୍ ଧାନ୍ଦୁପାଲି ଗାଁ ନ ହାତୀ ଆକ୍ରମଣ୍‌ଥି ସ୍ୱାମୀ, ସ୍ତ୍ରୀ ଙ୍କର୍ ଜୀବନ୍ ଯାଇଛେ । ଇମାନେ ରାତି ଧାନ୍ ଜୁଗ୍‌ବାର୍ ଲାଗି କ୍ଷେତେ ଶୁଇଥିଲା ବେଲେ ହାତୀମାନେ ଆସିକରି ଦୁହି ଝନ୍‌କୁ ମାଡ଼ି ଦେଇଥିଲେ । ଖବର୍ ପାଇକରି ବନ କର୍ମଚାରୀମାନେ ପୁହୁଁଚିକରି ମଲା ଦିହି ଉଦ୍ଧାର୍ କରିଥିଲେ ।

ମଦର୍ ଟେରେସା ଜୟନ୍ତୀ ବର୍‌ଗଡ୍ ସମ୍ବାଦଦାତା

ବର୍ଗଡ୍ ଜିଲ୍ଲା ବୁଦେଲ୍ପାଲି ଠାନେ ମଦର୍ ଟେରେସା ଜୟନ୍ତୀ ପାଲିତ୍ ହେଇଛେ । କାର୍ଯ୍ୟକ୍ରମ୍ଥି ବର୍ଗଡ୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜଲ୍ସେଚନ୍ ପ୍ରକଳ୍ପ ମାନ୍କର୍ ପୁନରୁଦ୍ଧାର୍ ଲାଗି ରାଜ୍ୟ ସର୍କାର୍ଙ୍କର୍ ପହେଲା ସଂକଳ୍ପ ଥିଲା ଆଉ ଇତାକେ କାର୍ଯ୍ୟକାରୀ କର୍ବାର୍ ଲାଗି ସର୍କାର୍ ପ୍ରତିଶ୍ରୁତିବଦ୍ଧ ଆନ୍ ବଲି କହିଛନ୍ । ବର୍ଗଡ୍ ବ୍ଲକ୍ର ୧୦ ଟା ପାଏନ୍ ପଂଚାୟତ୍ର ପୁନରୁଦ୍ଧାର୍ ଲାଗି ସର୍କାର୍ ୧ କୋଟି ଟଙ୍କା ଖର୍ଚ୍ଚା କର୍ବେ ବଲି ବିଧାୟକ୍ କହେବାର୍ ସହେତେ କାର୍ଯ୍ୟକ୍ରମ୍ଥି ଟଙ୍କା ବଂଟନ୍ର ଶୁଭାରମ୍ଭ କରିଛନ୍ ।

ବୌଦ୍ଧ-ମୁଖ୍ୟମନ୍ତ୍ରୀ କାମ୍ଧେନୁ ଯୋଜ୍ନା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ହର୍ଭଙ୍ଗା ବ୍ଲକ୍ ଛତରଙ୍ଗ୍ ପଂଚାୟତ୍ କାର୍ଯ୍ୟାଳୟ ଠାନେ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ମୁଖ୍ୟମନ୍ତ୍ରୀ କାମ୍ଧେନୁ ଯୋଜ୍ନାଥି ହିତାଧିକାରୀମାନ୍କୁ କାର୍ଯ୍ୟାଦେଶ୍ ବାଂଟିଛନ୍ । ପ୍ରାଣୀ ପାଲନ୍ ବିଭାଗ୍ ତର୍ଫୁ ଯୋଜ୍ନା ଜରିଏ ଗୋପାଲନ୍, ଘାସ୍ ଚାଷ୍ ଲାଗି ବଛାଯାଇଥିବା ହିତାଧିକାରୀମାନ୍କୁ କାର୍ଯ୍ୟାଦେଶ୍ ବଂଟାଯାଇଛେ । ଇଥି ହର୍ଭଙ୍ଗା, ଛତ୍ରଙ୍ଗ, ଶଙ୍କୁଲେଇ ଆଉ କୁସଙ୍ଗ୍ ପଂଚାୟତ୍ର ୧୮ ଜନ୍ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ୍ ବଂଟାଯାଇଛେ ।

ଆମ ଶାସନ୍ ବ୍ୟବସ୍ଥା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଆମ ଶାସନ୍ ବ୍ୟବସ୍ଥାର୍ ଶୁଭାରମ୍ଭ ହେଇଛେ । ବୌଦ୍ଧ ଓସ୍ୱାନ୍ ସମ୍ମିଳନୀ କକ୍ଷ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାଏକ୍ ଅଧ୍ୟକ୍ଷତା କରିକରି ଆମ ଶାସନ୍ ବ୍ୟବସ୍ଥାଥି ମୁଖ୍ୟମନ୍ତ୍ରୀ ଆଉ ମନ୍ତ୍ରୀମାନେ ଫୋନ୍ ଜରିଏ ସିଧାସଲଖ୍ ଲୁକ୍‌କର୍ ପାଖୁ ମତାମତ୍ ନେବେ ବଲି କହିଛନ୍ । ଇ ଅବ୍‌ସରେ ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନାଥି ୬ ଝନ୍ ହିତାଧିକାରୀଙ୍କୁ ଆର୍ଥିକ୍ ସାହାଜ୍ ଦିଆଯାଇଥିଲା ।

ପାଣିପାଗ/ହୀରାକୁଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍ ନ ଆଏଜ୍ ଗୁଟେ ଲଘୁଚାପ୍ ହେଇଛେ । ଲଘୁଚାପ୍ ପଶ୍ଚିମ-ଉତର୍-ପଶ୍ଚିମ ଦିଗ୍‌କେ ଗତିକରି ଆହୁରି ବର୍‌କସ୍ ହେବା । ଇତାର୍‌ବଲେ ଦକ୍ଷିଣ୍ ଓଡ଼ିଶା ନ ଅତି ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଇତାର୍ ପ୍ରଭାବ୍‌ଥି ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ଘଡ଼୍‌ଘଡ଼ି ସହେତେ ଜବର୍

ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ କରାଯାଇଛେ ।

ସେଆଡ଼େ ଉପର୍‌ମୁଡ଼େ ବର୍ଷା କମିଥିବାର୍‌ନୁ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ଆଏଜ୍ ୨ ଟା ଖେପେ ୮ ଟା ଗେଟ୍ ବନ୍ଦ୍ କରାଯାଇଛେ । ଏଛେନ୍ ୪ ଟା ଗେଟ୍ ଦେଇକରି ବଏଡ୍ ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଞ୍ଝର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୧ ଦଶ୍‌ମିକ୍ ୩/୭ ଫୁଟ୍ ରହିଛେ ।